ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ପ୍ରଶାସନର ଏ କି ନମୁନା?

୨୬/୦୪/୨୦୦୨

ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ନବୀନବାବୁଙ୍କ ଗତ ୨୬ ମାସ ଶାସନରେ ଆଉ କିଛି ହେଉ କି ନ ହେଉ, ଦୁର୍ନୀତିମୁକ୍ତ ସ୍ୱଚ୍ଛ ପ୍ରଶାସନର କଥା କିନ୍ତୁ ବେଶ୍ ଆଲୋଚନା ହେଉଛି। ଶାସନ ଯେତିକି ପୁରୁଣା ହେଉଛି, ଏଇ କଥାଟିକୁ ସେତିକି ବେଶି ଯୋର୍ ଦେଇ କହିବା ପାଇଁ ଚେଷ୍ଟା କରାଯାଉଛି। ମନେହେଉଛି ସତେ ଯେପରି ଏହା ତାଙ୍କ ରାଜନୀତି ପାଇଁ ଏକମାତ୍ର ପୁଞ୍ଜି। ସବୁ ରାଜନୈତିକ ଏବଂ ପ୍ରଶାସନିକ ନିଷ୍ପତ୍ତି ପଛରେ ଦୁର୍ନୀତି ନିବାରଣର ବାନା ଉଡ଼ାଯାଉଛି। ଗତ ପଞ୍ଚାୟତ ନିର୍ବାଚନ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀ ଏହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲେ- 'ତୁମେ ସବୁ ପଞ୍ଚାୟତ ଜଗ, ମୁଁ ରାଜଧାନୀ ଭୁବନେଶ୍ୱରରେ ସଚିବାଳୟ ଜଗୁଛି' ବୋଲି ବେଶ୍ ମନଛୁଆଁ ଢଙ୍ଗରେ କହିଥିଲେ। ମୁଖ୍ୟମନ୍ତ୍ରୀ କିନ୍ତୁ ସଚିବାଳୟକୁ କିପରି ଜଗିଛନ୍ତି, ଆଜି ତା'ର ଗୋଟିଏ ମାତ୍ର ଉଦାହରଣ ଦେଉଛୁ। ଆଶା କରୁଛୁ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଟିକିଏ ଗମ୍ଭୀରତାର ସହିତ ଆତ୍ମସମୀକ୍ଷା କରିବେ। ଦୁର୍ନୀତିମୁକ୍ତ ଏବଂ ସ୍ୱଚ୍ଛ ପ୍ରଶାସନର କଥା କେବଳ କଥାରେ ନ କରି କାମରେ କରି ଦେଖାଇବେ।

ନଗର ଉନ୍ନୟନ ବିଭାଗର କଥା ବିଚାର କରାଯାଉ। ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାର ସହର ସଂଖ୍ୟା କମ୍। ସହରାଞ୍ଚଳର ବିକାଶ ଦୃଷ୍ଟିରୁ ଆମେ ପଛୁଆ ଥିଲେ ମଧ୍ୟ ଏହା ପରୋକ୍ଷରେ ଆମ ପାଇଁ ଏକ ଆଶୀର୍ବାଦ ସଦୃଶ ହୋଇଛି। ନୂଆ କରି ସହର ଗଢ଼ିବାର ସୁଯୋଗ ବହୁତ କମ ଶାସକଙ୍କ ଭାଗ୍ୟରେ ଜୁଟେ। ପୁରୁଣା ସହରକୁ ନୂଆ ଦୁନିଆର ଚାହିଦା ଅନୁସାରେ ଆଧୁନିକ କରି ଗଢ଼ି ତୋଳିବାରେ ଥିବା ଅସୁବିଧା ଦୃଷ୍ଟିରୁ ସମ୍ପୂର୍ଣ୍ଣ ନୂଆ ସହର ଗଢ଼ିବା ଅଧିକ ସହଜ। ସହରମାନଙ୍କ ଭିତରେ ରାଜଧାନୀ ସହର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେବା ସ୍ୱାଭାବିକ। ଏବେ ଓଡ଼ିଶାର ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଏବଂ ବିଶେଷଭାବରେ ରାଜଧାନୀ ସହରକୁ ସମସ୍ତଙ୍କର ସୁଅ ଛୁଟିଛି। ସମସ୍ତେ ରାଜଧାନୀ ସହରରେ ଭିନ୍ନ ଭିନ୍ନ କାରଣରୁ ଘରଟିଏ କରି ରହିବାପାଇଁ ଚାହୁଁଛନ୍ତି। ରାଜଧାନୀ ସହରରେ ଭୂସମ୍ପତ୍ତି ଅର୍ଜନ କରିବା ସଫଳତାର ନୂଆ ମାପକାଠି ହୋଇଛି। ପୁଣି ଭୁବନେଶ୍ୱର ସହର ସମ୍ପୂର୍ଣ୍ଣ ଏକ ନୂଆ ସହର ନୁହେଁ। ୫୫ ବର୍ଷ ତଳେ ନୂଆ ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲେ ମଧ୍ୟ ଏହା ପୂର୍ବରୁ ମନ୍ଦିରମାଳିନୀ ପୁରୁଣା ଭୁବନେଶ୍ୱର ସହର ଛୋଟ ହେଉ ପଛେ ଐତିହାସିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହୋଇ ରହିଥିଲା। ନୂଆ ଏବଂ ପୁରୁଣାକୁ ମିଶାଇ ରାଜଧାନୀ ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବାର ଅପୂର୍ବ ସୁଯୋଗ ଆମ ରାଜନେତାମାନଙ୍କୁ ମିଳିଥିଲା। କିଛି ବର୍ଷ ତଳେ ନୂଆ ରାଜଧାନୀ ସହରକୁ ନେଇ ଆମେ ସବୁ ଗର୍ବ ଅନୁଭବ କରୁଥିଲୁ। ବିଦେଶୀ ପର୍ଯ୍ୟଟକ, ପୁଞ୍ଜି ନିବେଶକାରୀ ଭାରତୀୟ ଶିଳ୍ପପତି ଏବଂ ଆହୁରି ଅନେକ ବିତ୍ତଶାଳୀ ସଫଳକାମ ବ୍ୟକ୍ତିମାନେ ଭାରତର ମହାନଗରୀମାନଙ୍କ ଗହଳିରେ ଅଣନିଶ୍ୱାସୀ ହୋଇ ଭୁବନେଶ୍ୱର ଚାଲି ଆସୁଥିଲେ ଏବଂ ବିମାନ ବନ୍ଦରରେ ଓହ୍ଲାଇବା ମାତ୍ରେ ପରମ ତୃପ୍ତି ପାଉଥିଲେ। ଭୁବନେଶ୍ୱରକୁ ଚଣ୍ଡିଗଡ଼ ସହିତ ତୁଳନା କରାଯାଉଥିଲା। ଏହାର ଜଳବାୟୁ, ପ୍ରଶସ୍ତ ରାସ୍ତା, ଐତିହ୍ୟ, ପରମ୍ପରା ଏବଂ ଅନତି ଦୂରରେ ଥିବା ପୁରୀ, କୋଣାର୍କ ଓ ଚିଲିକା ସବୁ କିଛି ଏହାକୁ ଆକର୍ଷଣୀୟ କରି ରଖିଥିଲା। ଆଜି କିନ୍ତୁ ସେଭଳି ଗର୍ବ ଅନୁଭବ କଲାଭଳି କିଛି ନାହିଁ। ପ୍ରସିଦ୍ଧ ରାଜାରାଣୀ ମନ୍ଦିର ପାଖରେ ନିର୍ମିତ ତା'ଠାରୁ ଆହୁରି ଅଧିକ ଉଚ୍ଚତା ବିଶିଷ୍ଟ ଅଟ୍ଟାଳିକା ସବୁ ଆମର ଐତିହ୍ୟକୁ ଖର୍ବ କରିଦେଲା ପରି ମନେ ହେଉଛି। ରାଜଧାନୀର ପେଣ୍ଠସଳୀର ସୁଯୋଗ ନେଇ ବହୁ ବ୍ୟବସାୟୀ ନିଜର ବ୍ୟବସାୟ ପ୍ରତିଷ୍ଠାନର ପରିସରକୁ ରାଜରାସ୍ତା ଉପରକୁ ବିସ୍ତାରିତ କଲେଣି ତ, ରାଜନେତା, ପ୍ରଶାସକ ଏବଂ ତାଙ୍କ ପାଖ ଲୋକମାନଙ୍କର ଅସାଧୁ ମେଣ୍ଟ ଆଜି ଭୁବନେଶ୍ୱର ସହରକୁ କବଳିତ କଲାଣି। ପୁଣି ଏମାନଙ୍କର ସେବାରେ ଓଡ଼ିଶାର ଗ୍ରାମାଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଛୁଟି ଆସିଥିବା ଶ୍ରମଜୀବୀମାନେ ଭୁବନେଶ୍ୱରରେ ଆଉ ଏକ ସମାନ୍ତରାଳ ବସ୍ତି ସଭ୍ୟତା ସୃଷ୍ଟି କରିଛନ୍ତି। ଏଠି ଆଲୁଅ, ପାଣି ଓ ପବନର କୌଣସି ସୁବିଧା ନାହିଁ।

ଏଭଳି ଏକ ପରିସ୍ଥିତିରେ ସହରକୁ ବ୍ୟବସ୍ଥିତ କରି ଗଢ଼ି ତୋଳିବାରେ ନଗର ଉନ୍ନୟନ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜେ ତ ଜଣେ ଐତିହ୍ୟ ଓ ପରମ୍ପରାର ପୂଜାରୀ। ପୁରୁଣା ସହର ଓ ଐତିହ୍ୟର ସୁରକ୍ଷା ପାଇଁ ଗଠିତ 'ଇନ୍‌ଟାକ୍' ସଂସ୍ଥାର ପ୍ରତିଷ୍ଠାତା ସଭ୍ୟ ବୋଲି ଗର୍ବ ଅନୁଭବ କରନ୍ତି। ସେଥିପାଇଁ ସେ ଯେତେବେଳେ କ୍ଷମତାକୁ ଆସି ହୃଷିକେଶ ପଣ୍ଡାଙ୍କୁ ନଗର ଉନ୍ନୟନ ବିଭାଗର ସଚିବ ଦାୟିତ୍ୱ ଦେଲେ, ରାଜଧାନୀ ସହରକୁ ଭଲ ପାଉଥିବା ଅନେକ ନିରବ ନାଗରିକମାନଙ୍କ ମଧ୍ୟରେ ଆଶାର ସଞ୍ଚାର ହୋଇଥିଲା।

ରାଜଧାନୀ ସହରରେ ନିୟମ ଭଙ୍ଗ କରି ତିଆରି ହୋଇଥିବା ବହୁ ଛୋଟବଡ଼ ପ୍ରତିଷ୍ଠାନ ଏବଂ ଅଟ୍ଟାଳିକାଗୁଡ଼ିକର ସରଜମିନ୍ ତଦନ୍ତ କରି ଶ୍ରୀ ପଣ୍ଡା ଏକ ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟରେ ଯେଉଁମାନେ ନିୟମ ଭଙ୍ଗ କରି ରାଜଧାନୀ ସହରକୁ ବିକୃତ କରିଛନ୍ତି, ସେମାନଙ୍କର ନାମ ଉଲ୍ଲେଖ ଥିଲା। ଯେଉଁ ପ୍ରଶାସକମାନେ ଏଭଳି ଆଖିବୁଜା ନିୟମ ଭଙ୍ଗ କରିବା ପାଇଁ ସୁଯୋଗ ଦେଇଛନ୍ତି, ସେମାନଙ୍କୁ ମଧ୍ୟ ଏହି ରିପୋର୍ଟରେ ଦାୟୀ କରାଯାଇଥିଲା। ସ୍ୱାଭାବିକ ଭାବରେ ଆଶା କରାଯାଉଥିଲା, ନବୀନବାବୁ ଏ ସମ୍ପର୍କରେ କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ହୃଷିକେଶବାବୁ ଆହୁରି ଉତ୍ସାହିତ ହୋଇ ଏ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆଉ ପାଦେ ଆଗକୁ ଗଲେ। ସହରରେ ନିର୍ମାଣ କାର୍ଯ୍ୟକୁ ନିୟନ୍ତ୍ରିତ କରିବାପାଇଁ କଡ଼ା ନିୟମ କଥା ଚିନ୍ତା କଲେ। ନିର୍ମାଣ ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ଡାକି ଏ ବିଷୟରେ ଆଲୋଚନା କଲେ। ଆଲୋଚନାରେ ରାଜଧାନୀର ବରିଷ୍ଠ ନାଗରିକ, ପରିବେଶବିତ୍, ଆକାଶଛୁଆଁ ଅଟ୍ଟାଳିକାର ନିର୍ମାତା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତେ ଭାଗ ନେଲେ ଏବଂ ରାଜଧାନୀ ସହରକୁ କିପରି ସରସ ସୁନ୍ଦର କରି ଗଢ଼ି ତୋଳିହେବ, ସେଥିପାଇଁ ନିଜ ନିଜର ପରାମର୍ଶ ଦେଲେ। ଏ ସମସ୍ତଙ୍କର ପରାମର୍ଶକ୍ରମେ ନୂଆ ନିୟମ ତିଆରି ହେଲା। ପୁଣି ଏକ ଖୋଲାମଞ୍ଚ ମାଧ୍ୟମରେ ଆଲୋଚନା କରାଯାଇ ଏହି ନିୟମକୁ ଜନସାଧାରଣଙ୍କୁ ଜଣାଇ ଦିଆଗଲା। ଏଭଳି ଏକ ନିୟମ ଲାଗୁ ହୋଇଥିଲେ ଆମ ସମସ୍ତଙ୍କର ଦୁଇଟି କାରଣରୁ ମଙ୍ଗଳ ହୋଇଥାନ୍ତା। ପ୍ରଥମେ ଯେଉଁମାନେ ନିର୍ବିକାର ଭାବରେ ନିୟମ ଭଙ୍ଗ କରି ସହରକୁ ବିକୃତ କରିଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଦଣ୍ଡବିଧାନ ହୋଇଥାନ୍ତା। ସେମାନଙ୍କୁ କୌଣସି କ୍ଷମା ନ ଦେଇ ଏଭଳି ଦଣ୍ଡିତ କରିଥିଲେ ଭବିଷ୍ୟତରେ ଆଉ କେହି ସେପରି ନିୟମ ଉଲ୍ଲଂଘନ କରିବାକୁ ସାହସ କରି ନ ଥାନ୍ତେ। ଅନ୍ୟ ସବୁ ଛୋଟ କ୍ଷମଣୀୟ ଅପରାଧଗୁଡ଼ିକ ପାଇଁ ଅର୍ଥଦଣ୍ଡର ବ୍ୟବସ୍ଥା କରାଗଲା। ଏଭଳି ନିୟମ ମନ୍ତ୍ରୀ ମହୋଦୟଙ୍କୁ ଅନୁମୋଦନ ପାଇଁ ପଠାଗଲା। କିନ୍ତୁ ହେଲା କ'ଣ? ଅନୁମୋଦନ କଥା ଦୂରେ ଥାଉ, ଓଲଟା ଉତ୍ସାହୀ ଶାସନ ସଚିବଙ୍କର ୭ ଦିନ ଭିତରେ ବଦଳି ହେଲା। ବହୁ ତର୍ଜମା ଏବଂ ସମୀକ୍ଷା ପରେ ପ୍ରସ୍ତୁତ ହୋଇଥିବା ନିୟମାବଳୀକୁ ପୁଣି ସମୀକ୍ଷା କରିବାପାଇଁ ନୂତନ ଶାସନ ସଚିବଙ୍କୁ ଦାୟିତ୍ୱ ଦିଆଗଲା। ଏଠାରେ ଲକ୍ଷ୍ୟ କରିବାର କଥା ସରକାରଙ୍କୁ ନୂତନ ଶାସନ ସଚିବ ଦାୟିତ୍ୱ ତୁଲେଇବା ପାଇଁ ଶ୍ରୀ ଜୟନ୍ତ ଦେବଙ୍କ ଛଡ଼ା ଆଉ କେହି ମିଳିଲେ ନାହିଁ। ଶ୍ରୀ ପଣ୍ଡା ନିଜ ରିପୋର୍ଟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଦାୟିତ୍ୱରେ ଥିବା ସମୟରେ ଶ୍ରୀ ଦେବ ଅନେକ ନିୟମ ବହିର୍ଭୁତ କାର୍ଯ୍ୟ କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଶ୍ରୀ ଦେବ ନିଜେ କରିଥିବା ଅପରାଧର ବିଚାର ନିଜେ କଲେ ଏବଂ ଶ୍ରୀଯୁକ୍ତ ପଣ୍ଡା ତିଆରି କରିଥିବା ନିୟମରେ ନିଜକୁ ଏବଂ ଅସାଧୁ ମେଣ୍ଟର ଭାଗିଦାରମାନଙ୍କୁ ସୁହାଇବା ଭଳି କେତେକ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ସର୍ବକ୍ଷମା ଯୋଜନା ପ୍ରସ୍ତୁତ କଲେ। ଏଥିପାଇଁ ଶ୍ରୀ ଦେବ ଅନ୍ୟ କାହାର ପରାମର୍ଶ ନେବାପାଇଁ ଆବଶ୍ୟକ ମନେ କଲେ ନାହିଁ। ଦୁର୍ନୀତି ବିରୋଧରେ ସଂଗ୍ରାମ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ବିବେକକୁ ବୋଧହୁଏ ଏହା ବାଧା ଦେଲା। କାରଣ ଦୀର୍ଘ ୧ ବର୍ଷ ଧରି ଏ ନିୟମ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇପାରିଲା ନାହିଁ। କିନ୍ତୁ ଶେଷରେ ହେଲା କ'ଣ? ମୁଖ୍ୟମନ୍ତ୍ରୀ ଅସାଧୁ ମେଣ୍ଟର ଚାପ ଆଗରେ ମୁଣ୍ଡ ନୁଆଁଇଲେ। ଭୁବନେଶ୍ୱର ସହରକୁ ଧର୍ଷଣ କରିଥିବା ଅପରାଧୀମାନଙ୍କୁ ସର୍ବକ୍ଷମା ଦେବାପାଇଁ ରାଜି ହୋଇଗଲେ। ବିଡ଼ମ୍ବନାର ବିଷୟ ଏହି ଯେ, ୨୨ ବର୍ଷ ତଳେ ଧର୍ଷିତା ଛବିରାଣୀର ଅସହାୟ ପୁତ୍ରକୁ ଚାକିରିଟିଏ ଦେଇ ନ୍ୟାୟ ଏବଂ ମହାନୁଭବତାର ପ୍ରତୀକ ସାଜିଥିବା ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସହରକୁ ଧର୍ଷଣ କରିଥିବା ଅପରାଧୀମାନଙ୍କୁ କ୍ଷମା ଦେବାପାଇଁ ପଛାଇଲେ ନାହିଁ। ଏହା କି ପ୍ରକାର ସ୍ୱଚ୍ଛତା?

ମୁଖ୍ୟମନ୍ତ୍ରୀଙ୍କ ନ୍ୟାୟରେ ପଡ଼ୋଶୀର କାକୁଡ଼ି ଚୋର ଓ ନାରୀ ଧର୍ଷଣକାରୀ ପ୍ରାୟ ଏକ ରକମର ଅପରାଧୀ। ଆମ ବିଚାରରେ ଉଭୟ ଦୋଷକୁ ସମାନ ବୋଲି ବିଚାର କରି ସମସ୍ତଙ୍କ ପାଇଁ ସର୍ବକ୍ଷମାର ଯୋଜନା ପ୍ରସ୍ତୁତ କରିବା ଆଦୌ ଗ୍ରହଣଯୋଗ୍ୟ ହେଉନାହିଁ। ଏହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କର ଦୁର୍ନୀତି ବିରୋଧୀ ବକ୍ତବ୍ୟ ଯେ ଏକ ଫମ୍ପା ଆସ୍ଫାଳନ ତାହା ସ୍ପଷ୍ଟ ହୋଇଯାଉଛି। ଅବାଧ୍ୟ ଓ ଉଚ୍ଛୃଙ୍ଖଳ ବାଳକକୁ ଠିକଣା ବାଟକୁ ଆଣିବାକୁ ହେଲେ ଯେପରି କଡ଼ା ଶାସନର ଆବଶ୍ୟକତା ପଡ଼େ ଏବଂ ଗ୍ରାମ ଅବଧାନଙ୍କୁ ଯେପରି ଅନେକ ଅପ୍ରିୟ ଦଣ୍ଡାଦେଶ ଦେବାକୁ ପଡ଼େ, ସେହିପରି ଗୋଟିଏ ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବାକୁ ହେଲେ, ସମସ୍ତ ଚାପର ଊର୍ଦ୍ଧ୍ୱରେ ରହି ଶାସକକୁ ଅନେକ ଅପ୍ରିୟ ନିଷ୍ପତ୍ତି ନେବାପାଇଁ ସାହସ ବାନ୍ଧିବାକୁ ପଡ଼େ। ସେ ସାହସ ବିନା ଦୁର୍ନୀତିମୁକ୍ତ ସ୍ୱଚ୍ଛ ପ୍ରଶାସନର ଡିଣ୍ଡିମ ସମ୍ପୂର୍ଣ୍ଣ ମୂଲ୍ୟହୀନ। ନବୀନବାବୁ ଆତ୍ମସମୀକ୍ଷା କରନ୍ତୁ। ସ୍ୱଚ୍ଛତାର ପ୍ରକୃତ ପ୍ରମାଣ ଦିଅନ୍ତୁ।